# NATIONAL NEWS BULLETIN (ODIA)
## 27 April - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ଆତଙ୍କାବଦୀ ବିରୋଧ ଲଢ଼େଇରେ ୧୪୦ କୋଟି ଭାରତୀୟଙ୍କ ସହ ବିଶ୍ୱାବସୀ ଛିଡ଼ା ହୋଇଛନ୍ତି; କହିଲେ ପ୍ରଧାନମନ୍ତ୍ରୀ
- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ 'ଏକ ପେଡ଼ ମା' କେ ନାମ୍' ଅଭିଯାନରେ ୧୪୦ କୋଟିରୁ ଅଧିକ ଚାରାରୋପଣ କରାଯାଇଥିବା ସୂଚନା ଦେଲେ ପ୍ରଧାନମନ୍ତ୍ରୀ
- କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଭାରତ ବୃହତ ଚିକିତ୍ସା କେନ୍ଦ୍ର ସ୍ଥାପନ ଏବଂ ଶୀଘ୍ର ରୋଗ ଚିହ୍ନଟକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ କାର୍ଯ୍ୟ କରୁଥିବା କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା
- ବିଶିଷ୍ଟ ମହାକାଶ ବୈଜ୍ଞାନିକ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ.କସ୍ତୁରୀରଙ୍ଗନଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ

ଏବଂ

- ଆଇ.ପି.ଏଲ୍.ର ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସ ସମ୍ମୁଖରେ ୨୧୬ ରନ୍‌ର ବିଜୟ ଲକ୍ଷ୍ୟ

# ମନ୍ କି ବାତ୍

ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୋଷୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ ଉଚିତ୍ ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଏହି ଆକ୍ରମଣ ଆତଙ୍କବାଦର ପୃଷ୍ଠପୋଷକଙ୍କ ହତାଶା ଏବଂ ଭିରୁତାକୁ ଦର୍ଶାଉଛି । ସେମାନେ କାଶ୍ମୀରକୁ ପୁଣିଥରେ ଧ୍ୱଂସ କରିବାକୁ ଚାହୁଁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଆତଙ୍କବାଦ ବିରୋଧ ଯୁଦ୍ଧରେ ସବୁଠାରୁ ବଡ ଶକ୍ତି ହେଉଛି ଦେଶର ଏକତା । ଏହି ଆହ୍ୱାନର ମୁକାବିଲା ପାଇଁ ସଂକଳ୍ପକୁ ଦୃଢ଼ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ଆକ୍ରମଣ ଘଟଣାରେ ସମଗ୍ର ବିଶ୍ୱ କ୍ରମାଗତ ଭାବେ ସମବେଦନା ଜ୍ଞାପନ କରୁଛି । ଏହି ଲଢ଼େଇରେ ୧୪୦କୋଟି ଭାରତୀୟଙ୍କ ସହ ବିଶ୍ୱବାସୀ ଛିଡାହୋଇଛନ୍ତି ବୋଲି ସେ କହିଛନ୍ତି ।

ଚଳିତମାସରେ ଆର୍ଯ୍ୟଭଟ୍ଟ ଉପଗ୍ରହ ଉତ୍କ୍ଷେପଣର ୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ଦୃଢ଼ ନିଷ୍ଠାଯୁକ୍ତ ୫୦ବର୍ଷର ଏହି ଯାତ୍ରା ଭାରତକୁ

ଏକ ବିଶ୍ୱ ମହାଶକ୍ତିରେ ପରିଣତ କରିଛି । ଚନ୍ଦ୍ରର ଦକ୍ଷିଣମେରୁରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇଛି ବୋଲି ସେ କହିଛନ୍ତି ।

ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହି ଅଭିଯାନକୁ ଏକବର୍ଷ ପୂରିବ । ଏହା ଅଧୀନରେ ୧୪୦କୋଟିରୁ ଅଧିକ ଚାରାରୋପଣ କରାଯାଇଛି । ଦେଶ ଓ ବିଦେଶର ଲୋକ ଏହି ଅଭିଯାନରେ ସାମିଲ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି ।

## ବିହାର–ମେଘୱାଲ

କେନ୍ଦ୍ର ଆଇନ ଏବଂ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି, ଆତଙ୍କବାଦର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ପାଟଣାରେ ଗଣମାଧ୍ୟମକୁ ଶ୍ରୀ ମେଘୱାଲ କହିଛନ୍ତି, ପହଲଗାମର ଆତଙ୍କବାଦୀ ଆକ୍ରମଣ ପରେ ଦେଶରେ ଗଭୀର ଦୁଃଖ ଓ କ୍ଷୋଭ ପ୍ରକାଶ ପାଇଛି। ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀକୁ ଦଣ୍ଡିତ କରାଯିବା ସହ ସେମାନଙ୍କୁ ପରିଚାଳିତ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଟଣାରେ ଘୋଷଣା କରିଥିବା ଶ୍ରୀ ମେଘୱାଲ କହିଛନ୍ତି।

## ଜେକେ ଆସେମ୍ବ୍ଲି ସେସନ୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ନେଇ ଆଲୋଚନା କରିବାକୁ ଆସନ୍ତାକାଲି ଜାମ୍ମୁକାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିବ । ଏହି ଦିନିକିଆ  ସ୍ୱତନ୍ତ୍ର ଅଧିବେଶନରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ଘଟଣା ସଂପର୍କରେ ଆଲୋଚନା କରାଯିବ । ଏଥିସହ ବିଧାନସଭାରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯାଇ ଏକ ସଂକଳ୍ପ ପାରିତ କରାଯିବ ।

ସୂଚନା ଅନୁଯାୟୀ ସଂକଳ୍ପ ଗୃହୀତ ହେବା ପୂର୍ବରୁ ବିଧାନସଭାରେ ଏହି ଘଟଣା ଉପରେ ପ୍ରାୟ ୨ ଘଣ୍ଟା ଆଲୋଚନା ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ମହା-ନଡ୍ଡା

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଆଜି କହିଛନ୍ତି, କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଭାରତ ବଡ଼ଧରଣର ଚିକିତ୍ସା କେନ୍ଦ୍ର ସ୍ଥାପନ ଏବଂ ଶୀଘ୍ର ରୋଗ ଚିହ୍ନଟକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସ୍ୱୀକୃତି ପ୍ରାପ୍ତ ଡାକ୍ତରୀ ପତ୍ରିକା 'ଦି ଲାନସେଟ୍'ର ଏକ ରିପୋର୍ଟକୁ ଆଧାର କରି ଶ୍ରୀ ନଡ୍ଡା କହିଛନ୍ତି, ଭାରତରେ ୯୦ ପ୍ରତିଶତ କର୍କଟ ରୋଗ ନିର୍ଣ୍ଣୟ

ହେବାର ୩୦ ଦିନ ମଧ୍ୟରେ ରୋଗୀମାନଙ୍କର ଚିକିତ୍ସା ଆରମ୍ଭ କରାଯାଉଛି। ଏହା ବିଶ୍ୱସ୍ତରରେ ଏକ ରେକର୍ଡ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀ ନଗରସ୍ଥିତ ସରକାରୀ କର୍କଟ ଡାକ୍ତରଖାନାରେ ସମ୍ପ୍ରସାରିତ କର୍କଟ ପ୍ରତିଷ୍ଠାନର ଉଦ୍‌ଘାଟନ ଏବଂ ଅତ୍ୟାଧୁନିକ ଟ୍ରୁ ବିମ୍’ ୟୁନିଟ୍‌ର ଶୁଭାରମ୍ଭ ଅବସରରେ ଶ୍ରୀ ନଡ୍ଡା ଏହା କହିଛନ୍ତି। ନୂତନ ଟ୍ରୁ ବିମ୍’ ବ୍ୟବସ୍ଥା ଦ୍ୱାରା କର୍କଟ ରୋଗୀଙ୍କଠାରେ ଠିକ୍ ଭାବେ ରୋଗ ଚିହ୍ନଟ ଏବଂ ପ୍ରଭାବଶାଳୀ ଚିକିତ୍ସା ସମ୍ଭବ ହେବ। ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଥିବା ସେ କହିଛନ୍ତି। ଆଜି ସାରା ଦେଶରେ ୭୮୦ଟି ମେଡିକାଲ କଲେଜ କାର୍ଯ୍ୟ କରୁଛି। ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ପାଣ୍ଠିର ଅଭାବ ଯେପରି ନ ହୁଏ ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ।

**V/O**

ଶ୍ରୀ ନଡ୍ଡା କହିଛନ୍ତି, ସମଗ୍ର ଭାରତରେ ୧ ଲକ୍ଷ ୭୫ ହଜାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ କର୍କଟ ରୋଗ ବିଶେଷ କରି ମୁଖ ଓ ସ୍ତନ କର୍କଟ ରୋଗର ପ୍ରାରମ୍ଭିକ ସ୍କ୍ରିନିଂ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପଞ୍ଚଦଶ ଅର୍ଥ ଆୟୋଗ ଅଧୀନରେ ସ୍ୱାସ୍ଥ୍ୟସେବା ପାଇଁ ୭ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ଶ୍ରୀ ନଡ୍ଡା କହିଛନ୍ତି। ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା

ଯୋଜନା ମାଧ୍ୟମରେ ୬୦ କୋଟି ନାଗରିକ ବିଶେଷ କରି ବରିଷ୍ଠ ନାଗରିକମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଉଛନ୍ତି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ବିହାର–ମେଘୱାଲ

କେନ୍ଦ୍ର ଆଇନ ଏବଂ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି, ଆତଙ୍କବାଦର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି । ପାଟଣାରେ ଗଣମାଧ୍ୟମକୁ ଶ୍ରୀ ମେଘୱାଲ କହିଛନ୍ତି, ପହଲଗାମର ଆତଙ୍କବାଦୀ ଆକ୍ରମଣ ପରେ ଦେଶରେ ଗଭୀର ଦୁଃଖ ଓ କ୍ଷୋଭ ପ୍ରକାଶ ପାଇଛି । ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀକୁ ଦଣ୍ଡିତ କରାଯିବା ସହ ସେମାନଙ୍କୁ ପରିଚାଳିତ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଟଣାରେ ଘୋଷଣା କରିଥିବା ଶ୍ରୀ ମେଘୱାଲ କହିଛନ୍ତି ।

## ଚାରଧାମ-ପାକ

ଉତ୍ତରାଖଣ୍ଡର ସରକାର ବାର୍ଷିକ ଚାରିଧାମ ଏବଂ ହେମକୁଣ୍ଡ ସାହେବ ତୀର୍ଥଯାତ୍ରା ପାଇଁ ସ୍ୱାକ୍ଷର କରିଥିବା ୭୭ ଜଣ ପାକିସ୍ତାନୀ ନାଗରିକଙ୍କ ପଞ୍ଜୀକରଣକୁ ବାତିଲ କରିଛନ୍ତି । ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ସତପାଲ ମହାରାଜ ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି । ପର୍ଯ୍ୟଟନ

ଓ ଆତଙ୍କବାଦ ଏକା ସାଙ୍ଗରେ ଚାଲିପାରିବ ନାହିଁ ବୋଲି ସେ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ୧୮୫ଟି ଦେଶର ୨୫ ହଜାରରୁ ଅଧିକ ଅନ୍ତର୍ଜାତୀୟ ତୀର୍ଥଯାତ୍ରୀଙ୍କୁ ମିଶାଇ ୨୨ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଚାରିଧାମ ଯାତ୍ରା ପାଇଁ ଅନଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ଆସନ୍ତାକାଲିଠାରୁ ରଥଯାତ୍ରା ପାଇଁ ଅଫ୍‌ଲାଇନ୍ ରେଜିଷ୍ଟ୍ରେସନ୍ ଆରମ୍ଭ ହେବାକୁ ଯାଉଛି। ତୀର୍ଥଯାତ୍ରୀଙ୍କ ସହାୟତା ପାଇଁ ହରିଦ୍ୱାର, ରିଶିକେଶ୍, ବିକାଶନଗର ଏବଂ ହରବଟପୁରରେ ଉତ୍ସର୍ଗୀକୃତ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାରାଜ ସୂଚନା ଦେଇଛନ୍ତି।

## ବାଂଲାଦେଶ-ଇଲେକସନ୍

ବାଂଲାଦେଶରେ ଆସନ୍ତା ନିର୍ବାଚନ ପ୍ରତିଶ୍ରୁତି ଦିଆଯାଇଥିବା ସମୟସୀମା ମଧ୍ୟରେ ନ ହେଲେ ସେଠାରେ ପୁଞ୍ଜିନିବେଶ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି ବୋଲି ଏକ ବେସରକାରୀ ସଂସ୍ଥା 'ସେଣ୍ଟର ଫର୍ ପଲିସି ଡାଇଲଗ୍' ପକ୍ଷରୁ ସତର୍କ କରିଦିଆଯାଇଛି। ଆଜି ଢାକାରେ ଆୟୋଜିତ ଆଲୋଚନାଚକ୍ରରେ ସଂସ୍ଥାର ବିଶିଷ୍ଟ ପ୍ରଫେସର ମୁସ୍ତାଫିଜୁର ରେହମନ କହିଛନ୍ତି, ଆଗାମୀ ନିର୍ବାଚନ ଠିକ୍ ସମୟରେ ନ ହେଲେ ରାଜନୈତିକ ଅନିଶ୍ଚିତତା ସୃଷ୍ଟି ହୋଇପାରେ। ଏହାଦ୍ୱାରା ପୁଞ୍ଜିନିବେଶ ବାଧାପ୍ରାପ୍ତ ହେବ। ବାଂଲାଦେଶରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ–ଏଫ୍.ଡି.ଆଇ' ପରିମାଣ ଅତ୍ୟନ୍ତ ନଗଣ୍ୟ ବୋଲି ଡକ୍ଟର ରେହମନ କହିଛନ୍ତି। ଭିଏତନାମରେ ଏଫ୍.ଡି.ଆଇ. ଏବେ ୩୬୦ ବିଲିୟନ

ଡଲାରରେ ଥିବାବେଳେ ବାଂଲାଦେଶରେ ଏହାର ପରିମାଣ ମାତ୍ର ୨୨ ବିଲିୟନ ଡଲାର ବୋଲି ଡକ୍ଟର ରେହମାନ କହିଛନ୍ତି ।

## ଉଗାଣ୍ଡା ଇବୋଲା

ଉଗାଣ୍ଡାରେ ଇବୋଲା ସୁଦାନ ଭୂତାଣୁ ରୋଗ ସଂକ୍ରମଣ ଶେଷ ହୋଇଥିବା ସେଠାକାର ସରକାର ସୂଚନା ଦେଇଛନ୍ତି । ଗତ ୪୨ ଦିନ ମଧ୍ୟରେ କୌଣସି ନୂତନ ରୋଗୀ ଚିହ୍ନଟ ହୋଇନଥିବା କୁହାଯାଇଛି । ରାଜଧାନୀ କାମ୍ପାଲାରେ ଏହି ଭୂତାଣୁ ଚିହ୍ନଟ ହେବାର ତିନିମାସରୁ କମ୍ ସମୟ ମଧ୍ୟରେ ଏହି ଘୋଷଣା କରାଯାଇଛି । ଉଗାଣ୍ଡାର ସ୍ୱାସ୍ଥ୍ୟମନ୍ତ୍ରୀ ରୁଥ୍ ଆସେଙ୍ଗ ଇବୋଲା ପ୍ରଭାବିତ ପୂର୍ବାଞ୍ଚଳ ସହର ଏମ୍ବାଲେରେ ଏହି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶାବଳୀ ଅନୁଯାୟୀ, ଇବୋଲା ପ୍ରଭାବିତ ଅଞ୍ଚଳରେ ୪୨ ଦିନ ମଧ୍ୟରେ ନୂତନ ରୋଗୀ ଚିହ୍ନଟ ନ ହେଲେ ସମ୍ପୃକ୍ତ ଅଞ୍ଚଳ ବା ଦେଶକୁ ରୋଗ ମୁକ୍ତ ଘୋଷଣା କରାଯାଇଥାଏ । କାମ୍ପାଲାରେ ଜଣେ ୩୨ ବର୍ଷୀୟ ନର୍ସଙ୍କ ମୃତ୍ୟୁ ପରେ ଚଳିତ ବର୍ଷ ଜାନୁଆରୀ ୩୦ ତାରିଖରୁ ଉଗାଣ୍ଡାରେ ଇବୋଲା ମହାମାରୀ ଘୋଷଣା କରାଯାଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି, ଉଗାଣ୍ଡାରେ ସଂକ୍ରମଣ ଶେଷ ହୋଇଥିଲେ ମଧ୍ୟ ସେଠାରେ ସୁରକ୍ଷା ଓ ପ୍ରତିକାର ବ୍ୟବସ୍ଥା ଜାରି ରହିବ ।

# ଆର୍ମି ଭାଇସ୍ ଚିଫ୍

ପୂର୍ବତନ ସେନାବାହିନୀ ଉପମୁଖ୍ୟ ତଥା ବମ୍ବେ ସାପର୍ସର କର୍ଣ୍ଣେଲ କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ ଜେନେରାଲ ଏସ୍. ପଟ୍ଟାଭିରମନଙ୍କ ଦେହାନ୍ତ ହୋଇଛି। ନୀଳଗିରି ଜିଲ୍ଲାର ୱେଲିଂଷ୍ଟନ ମିଲିଟାରୀ ହସ୍ପିଟାଲରେ ଶ୍ରୀ ପଟ୍ଟାଭିରମନଙ୍କ ଗତକାଲି ପରଲୋକ ହୋଇଥିଲା। ଆଜି ସମ୍ପୂର୍ଣ୍ଣ ସେନା ସମ୍ମାନ ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯାଉଛି। ଅପରାହ୍ନ ୩ଟା ୩୦ରେ ମୁମ୍ବାଇରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ  ଟସ୍ ଜିତି ଲକ୍ଷ୍ନୌ ଦଳ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ମୁମ୍ବାଇ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୨୧୫ ରନ୍ ସଂଗ୍ରହ କରିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୨୧୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପରଜାଏଣ୍ଟସ ଦଳ ୧୪ ଓଭରରେ ୮ ଓ୍ୱିକେଟ୍ ହରାଇ ୧୪୯ ରନ୍ କରିଛି।

ଆଉ ଅଳ୍ପ ସମୟପରେ ଦିଲ୍ଲୀରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ।

ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ତାଲିକାର ତୃତୀୟ ସ୍ଥାନରେ ରହିଛି ।